# NATIONAL NEWS BULLETIN (ODIA)

**18 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବେଙ୍ଗାଲୁରୁଠାରେ ଭାରତୀୟ ବାୟୁସେନାକୁ ଆଜି ୨ଟି ପ୍ରଶିକ୍ଷଣ ବିମାନ ହସ୍ତାନ୍ତର କରିବେ ପ୍ରତିରକ୍ଷାମନ୍ତ୍ରୀ
- ଚଳିତ ଆର୍ଥିକବର୍ଷ ପାଇଁ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବା ନେଇ ବିଶ୍ୱ ରେଟିଂ ସଂସ୍ଥା **ମୁଡ଼ି** ର ଆକଳନ
- ବିକଶିତ ଓ ଦୃଢ଼ ଭାରତ ଗଠନ ନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ଲାଗି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀଙ୍କ ଆହ୍ୱାନ
- ଏସୀୟ କ୍ରୀଡ଼ା ମହିଳା କ୍ରିକେଟ୍‌ରେ ଜାପାନକୁ ପରାସ୍ତ କରି ଭାରତ ସେମିଫାଇନାଲ୍‌କୁ ଉନ୍ନୀତ

– ଆସନ୍ତାକାଲି ଏସୀୟ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଜାତୀୟ ପତାକା ବହନ କରିବେ ମନୁ ଭାକର ଓ ତଜୀନ୍ଦର ପାଲ ସିଂ ତୁର୍

ଏବଂ

- ଓଡ଼ିଶା ସମେତ ୬ଟି ରାଜ୍ୟରେ ଆଜି ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ସତର୍କ ସୂଚନା ଜାରି

---

# ହାଲ୍ ଏୟାର୍‌କ୍ରାଫ୍ଟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ବେଙ୍ଗାଲୁରୁଠାରେ ବାୟୁସେନାକୁ ବିମାନ ହସ୍ତାନ୍ତର କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍-ହାଲ୍ ବେଙ୍ଗାଲୁରୁଠାରେ ଭାରତୀୟ ବାୟୁସେନାକୁ ୨ଟି ପ୍ରଶିକ୍ଷଣ ବିମାନ ହସ୍ତାନ୍ତର କରାଯିବ । ସେଗୁଡ଼ିକ ମଧ୍ୟରେ ହାଲୁକା ଯୁଦ୍ଧବିମାନ ତେଜସ୍‌ର ସମ୍ପୂର୍ଣ୍ଣ ପରିଚାଳନା ଲକ୍ଷ୍ୟରେ ତାଲିମ ବିମାନ ଏବଂ ଏଚ୍.ଟି.ଟି. ଫର୍ଟି ବେସିକ୍ ଟ୍ରେନ୍‌ର ଏୟାରକ୍ରାଫ୍ଟ ରହିଛି । ଏଥିସହ ହାଲ୍' ପରବର୍ତ୍ତୀ ପିଢ଼ି ଧ୍ରୁବ ହେଲିକପ୍ଟର ସାର୍ବଜନୀନ କ୍ଷେତ୍ରରେ ବ୍ୟବହାର ପାଇଁ ପଓ୍ୱନ ହଂସ ଲିମିଟେଡ୍‌କୁ ହସ୍ତାନ୍ତର କରିବ ।

---

# ମୁଡି ସ୍ରାଟିଂ

ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବା ନେଇ ବିଶ୍ୱ ରେଟିଙ୍ଗ୍ ସଂସ୍ଥା-ମୁଡି କହିଛି । ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬ ପ୍ରତିଶତ ରହିବା ନେଇ ମୁଡି ଘୋଷଣା କରିଥିଲା । ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ଏହି ପରିବର୍ତ୍ତନ ପଶ୍ଚିମ ଏସିଆରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ସତ୍ତ୍ୱେ ଭାରତୀୟ ଅର୍ଥନୀତିରେ ସ୍ଥିରତା ବଜାୟ ରହିବାକୁ ଦର୍ଶାଉଛି । ଜି-୨୦ ଅର୍ଥନୀତି ମଧ୍ୟରେ ଅଭିବୃଦ୍ଧି କ୍ଷେତ୍ରରେ ଭାରତର ଦ୍ରୁତ ବିକାଶ ହେବା ନେଇ ସଂସ୍ଥା ଅନୁମାନ କରିଛି ।

---

# ପିଏମ୍-ସ୍ୱଚ୍ଛ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ

ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଆଜି ଏହି ସ୍ୱତନ୍ତ୍ର ଧାରାବାହିକରେ ଆମେ ଆପଣଙ୍କୁ 'ସ୍ୱଚ୍ଛ ଭାରତ ମିଶନ ଜରିଆରେ ଦେଶରେ ସାମାଜିକ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିଲକ୍ଷିତ ହୋଇଥିବା ପରିବର୍ତ୍ତନ' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନ ସାଧାରଣଲୋକଙ୍କ ଆନ୍ଦୋଳନରେ ରୂପାନ୍ତର  ହୋଇ ଗ୍ରାମୀଣ ଅଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସ୍ୱଚ୍ଛତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି । ଝାଡ଼ଖଣ୍ଡର ୯୧ ପ୍ରତିଶତରୁ ଅଧିକ ଗ୍ରାମ ବାହ୍ୟ ମଳମୂତ୍ର ତ୍ୟାଗ ଅଞ୍ଚଳ ଘୋଷଣା ହୋଇଛି । ତେବେ ସେଠାରେ ତରଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଦୃଷ୍ଟି ଦିଆଯାଉଛି । ପ୍ରତ୍ୟେକ ନାଗରିକ ସ୍ୱଚ୍ଛତାକୁ ସେମାନଙ୍କର ଅଭ୍ୟାସ ଏବଂ ମୂଲ୍ୟବୋଧର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଗ୍ରହଣ କରିବା ଲାଗି ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସ୍ୱଚ୍ଛତା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମ ଦୈନନ୍ଦିନ ଜୀବନର ଏକ ଅଂଶବିଶେଷ ହେବା ଉଚିତ ।

**V/O (PM- Swachha Bharat)**

ପ୍ରଧାନମନ୍ତ୍ରୀଙ୍କ ଏହି ଦୃଷ୍ଟିକୋଣକୁ ସାକାର କରି ଝାଡ଼ଖଣ୍ଡର ଗ୍ରାମୀଣ ଅଞ୍ଚଳରେ ପ୍ରାୟ ୪୨ ଲକ୍ଷ ଶୌଚାଳୟ ନିର୍ମାଣ ଯୋଗୁଁ ମହିଳାଙ୍କୁ

ମର୍ଯ୍ୟାଦା ଓ ସୁରକ୍ଷା ସୁନିଶ୍ଚିତ ହୋଇପାରିଛି । ସେହିସବୁ ଶୌଚାଳୟକୁ ଇଜ୍ଜତ ଘର ଭାବେ ନାମିତ କରାଯାଇଛି । ସେହି ସମୟରେ ଝାଡ଼ଖଣ୍ଡର ଦୁର୍ଗମ ଆଦିବାସୀ  ଅଞ୍ଚଳରେ ଗୋବର୍ଦ୍ଧନ ଯୋଜନାରେ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା ଏବଂ ବାୟୋ ଗ୍ୟାସ୍ ଉତ୍ପାଦନ ଦ୍ୱାରା ଗ୍ରାମୀଣ ଅର୍ଥନୀତି ଦୃଢ଼ ହୋଇପାରିଛି । ରାଜ୍ୟର ଗ୍ରାମୀଣ ମହିଳା ସ୍ୱଚ୍ଛ ଭାରତ ମିଶନରେ ଲାଭାନ୍ୱିତ ହୋଇଥିବା ବେଳେ ତାଙ୍କ ଅଞ୍ଚଳରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ନେଇ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି ।

ସ୍ୱଚ୍ଛତା ହି ସେବା ଅଭିଯାନ ଅଧୀନରେ ଝାଡ଼ଖଣ୍ଡରେ ଚଳିତବର୍ଷ ୫ ହଜାରରୁ ଅଧିକ ସଚ୍ଛତା କାର୍ଯ୍ୟ ୟୁନିଟ୍ ଗଠନ କରାଯାଇ ବର୍ଜ୍ୟବସ୍ତୁ ବହୁଳ ଅଞ୍ଚଳଗୁଡ଼ିକର ବ୍ୟାପକ ସଫେଇ କାର୍ଯ୍ୟ ହାତକୁ ନିଆଯାଇଛି । ଏହି ସ୍ୱଚ୍ଛତା ପଦକ୍ଷେପ ଲୋକମାନଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ କରିବା ଦିଗରେ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି ।

---

## ଢାକା-ପିଏମ୍

ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ୍ ରହେମାନ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ରହେମାନ’ ଶ୍ରୀ ମୋଦୀଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିବା ସହ ଭାରତୀୟଙ୍କ ପାଇଁ ତାଙ୍କ ଉତ୍ସର୍ଗୀକୃତ ସେବାର ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଶ୍ରୀ ତାରିକ୍ଙ୍କ ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି । ବାଂଲାଦେଶସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ଫେସ୍‌ବୁକ୍ ପୃଷ୍ଠାରେ ଏହି ବିଷୟ ସ୍ଥାନୀତ ହୋଇଛି ।

---

# ରିଜିଜୁ-ସେବା ସଂକଳ୍ପ ଅଭିଯାନ

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ନାଗରିକମାନଙ୍କୁ ଏକ ବିକଶିତ, ଦୃଢ଼ ଭାରତ ଗଠନ ନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଉପଲକ୍ଷେ ଆୟୋଜିତ ସେବାସଂକଳ୍ପ ଅଭିଯାନରେ ଉଦ୍‌ବୋଧନ ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଦେଶର ଭିତ୍ତିଭୂମି ନିର୍ମାଣ, ଯୋଗାଯୋଗ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶରେ ବ୍ୟାପକ ରୂପାନ୍ତରଣ ହେଉଛି । ଏବେ ଦେଶର ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ମୋଟରଯାନରେ ଯିବା ସମ୍ଭବ ହୋଇଥିବା ବେଳେ ୮୦ କୋଟିରୁ ଅଧିକ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି ।

ଶ୍ରୀ ରିଜିଜୁ କହିଛନ୍ତି, ଭାରତ ଏବେ ଏକ ଦୃଢ଼,ସୁରକ୍ଷିତ ଏବଂ ସ୍ଥିର ରାଷ୍ଟ୍ର ଭାବେ ଉଭା ହେଉଛି । ସରକାର ନିଜର ପ୍ରତିବଦ୍ଧତା ଅନୁଯାୟୀ ଦେଶର ସମସ୍ତ ବର୍ଗର ନାଗରିକଙ୍କ ପାଇଁ ସମସ୍ତ ଯୋଜନାର ସୁଫଳ ପହଞ୍ଚାଇବା କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ।

ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦେଶର ସଂଖ୍ୟାଲଘୁ ସଂପ୍ରଦାୟଙ୍କ ନିକଟରେ ସମସ୍ତ ଯୋଜନାର ଲାଭ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛନ୍ତି । ବିକାଶମୂଳକ ପଦକ୍ଷେପଗୁଡ଼ିକ ସମସ୍ତ ଭାରତୀୟ ନାଗରିକଙ୍କୁ ଲାଭାନ୍ୱିତ କରିବା ଲାଗି କରାଯାଇଥିବା ଶ୍ରୀ ରିଜିଜୁ କହିଛନ୍ତି ।

## ଇଏଏମ୍- ଭୁଟାନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଭୁଟାନର ବିକାଶ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଭାରତର ସମର୍ଥନ ବିଷୟ ଦୋହରାଇଛନ୍ତି । ଦୁଇଦିନିଆ ଭୁଟାନ ଗସ୍ତରେ ଯାଇ ଡକ୍ଟର ଜୟଶଙ୍କର ତାଙ୍କ ଭୁଟାନ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ସଂପର୍କର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ଆଲୋଚନାକାଳରେ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ସମେତ ଭାଗିଦାରିତାପୂର୍ଣ୍ଣ ସଂପର୍କର ଅଗ୍ରଗତି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଉଭୟପକ୍ଷ ଭାରତ-ଭୁଟାନ ଭାଗିଦାରିତା ଓ ସ୍ୱତନ୍ତ୍ର ସଂପର୍କକୁ ଆହୁରି ମଜବୁତ କରିବା ଲାଗି ସହମତ ହୋଇଛନ୍ତି।

ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଭୁଟାନରେ ଅନେକଗୁଡ଼ିଏ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଥିରେ ୬୫ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ସେତୁ ରହିଥିବା ବେଳେ ଭୁଟାନ ସରକାରଙ୍କୁ ଭାରତ ପକ୍ଷରୁ ୫୪ଟି ଇଲେକ୍‌ଟ୍ରିକ୍ ଯାନ ପ୍ରଦାନ କରାଯାଇଛି । ଏହି ଅବସରରେ ୫୦୦ କିଲୋୱାଟ୍ ବିଶିଷ୍ଟ ଲୁନାନା ଜଳବିଦ୍ୟୁତ୍ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଉଭୟ ଦେଶ ୨୦୨୪ ମାର୍ଚ୍ଚ ମାସରେ କାର୍ଯ୍ୟକାରୀ ହୋଇଥିବା ଶକ୍ତି କ୍ଷେତ୍ରର ମିଳିତ ଭାଗିଦାରିତା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ।

---

## ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ା ମହିଳା କ୍ରିକେଟ୍‌ରେ ଭାରତୀୟ ଦଳ  ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି ।  ଆଜି ଜାପାନର ନିଶିହିଠାରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତର ପ୍ରଭାବଶାଳୀ ବୋଲିଂ ଯୋଗୁଁ ଜାପାନ୍ ୧୯ ଓଭର୍ ୫ଟି ବଲ୍‌ରେ ୫୭ ରନ୍ ସ୍କୋରରେ ସୀମିତ ରହିଥିଲା । ଜବାବରେ ଭାରତ ୫ ଓଭର୍‌ରେ ୫୯ ରନ୍ ସ୍କୋର କରି ବିଜୟ ଲାଭ କରିଛି । ଶେଫାଳି ବର୍ମା ୧୫ଟି ବଲ୍‌ରେ ୪୦ ରନ୍ ସ୍କୋର କରିଥିବା ବେଳେ ରିଚା ଘୋଷ ୬ଟି ବଲ୍‌ରୁ ୧୨ ରନ୍ ସ୍କୋର କରିଛନ୍ତି । ଆସନ୍ତା ରବିବାର ଦିନ ଭାରତ ଓ ବାଂଲାଦେଶ ମଧ୍ୟରେ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ ।

---

# ଏସିଆନ୍ ଗେମ୍

ଜାପାନରେ ଅନୁଷ୍ଠିତ ଆଇଚି ନାଗୋୟା ଏସୀୟ କ୍ରୀଡ଼ା-୨୦୨୬ରେ ଭାରତୀୟ ଟେକ୍ ବଲ୍ ଖେଳାଳି କ୍ୱିମିକ୍ ଜୋଆକ୍ୱିମ୍   ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ପ୍ରଥମଥର ପାଇଁ ଏସୀୟ କ୍ରୀଡ଼ା ଖେଳୁଥିବା ଜୋଆକ୍ୱିମ୍ ଆଜି ସକାଳେ ୨ଟି ବିଜୟ ହାସଲ କରି ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ଜାପାନ ବିପକ୍ଷରେ ୨-୧ରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ କାମ୍ବୋଡ଼ିଆ ବିପକ୍ଷରେ ୨-୦ରେ ସେ ବିଜୟ ହାସଲ କରିଥିଲେ ।

---

# ଏସିଆନ୍ ଗେମ୍‌ସ

ଏସୀୟ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବରେ ଅଲିମ୍ପିକ୍ସ ପଦକ ବିଜେତା ମନୁ ଭାକର ଏବଂ ସର୍ଟ୍‌ପୁଟ୍ ଚମ୍ପିୟାନ୍ ତଜିନ୍ଦର ପାଲ୍ ସିଂ ତୁର୍ ଭାରତର

ଜାତୀୟ ପତାକା ବହନ କରିବେ । ଆସନ୍ତାକାଲି ଏସୀୟ କ୍ରୀଡ଼ା ଆରମ୍ଭ ହେବ । ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଭାକର୍ ଭାରତର ପ୍ରଥମ କ୍ରୀଡ଼ାବିତ୍ ଭାବେ ଗୋଟିଏ ସଂସ୍କରଣରେ ୨ଟି ପଦକ ଜିତିଥିଲେ । ମହିଳା ୧୦ ମିଟର ଏୟାର ପିସ୍ତଲ ଏବଂ ଦଳୀୟ ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ସେ କାଂସ୍ୟ ପଦକ ହାସଲ କରିଥିଲେ । ଅନ୍ୟପକ୍ଷରେ ସର୍ଟପୁଟ୍ ଚମ୍ପିୟାନ୍ ତଜିନ୍ଦର ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ା ଓ ୨୦୨୨ ହ୍ୟାଙ୍ଗଝୌ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ ।

## ଓ୍ୱେଦର

ଓଡ଼ିଶା ସମେତ ବିହାର, ରାଜସ୍ଥାନ, ଗୁଜରାଟ, ଲାକ୍ଷାଦ୍ୱୀପ, ପଶ୍ଚିମବଙ୍ଗ ଏବଂ ସିକିମ୍‌ରେ  ଆଜି ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଦେଶର ଅନ୍ୟ କେତେକ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଆଜି ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଘଡ଼ଘଡ଼ି ସହ ବର୍ଷା ଓ ପବନ ବହିବା ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି।